# ଓଏଫ୍‌ସିରେ ଯୋଗଦେଲେ ସାମୁଏଲ୍

ଭୁବନେଶ୍ୱର,୨ ୨।୫/ଏଜେନ୍ସି: ଆଇ-ଲିଗ୍‌ର ଅନ୍ୟତମ ତାରକା ଖେଳାଳି ମିଜୋରାମ୍‌ର ସାମୁଏଲ ଲାଲମୁଆନ୍‌ପୁଇଆ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ସହ ଯୋଗ ଦେଇଛନ୍ତି। ସେ ଚଳିତବର୍ଷଠାରୁ ଓଏଫ୍‌ସି ପକ୍ଷରୁ ଖେଳିବେ। ୨୧ ବର୍ଷୀୟ ଏହି ପ୍ରତିଭାବାନ ମିଡ୍‌ଫିଲ୍ଡର ୨ବର୍ଷ ଲାଗି ଚୁକ୍ତିବଦ୍ଧ ହୋଇଥିଲା ବେଳେ ସେ ଦଳର ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କ୍ଲବ୍ ପକ୍ଷରୁ ଆଶା କରାଯାଉଛି। ଓଏଫ୍‌ସିରେ ଯୋଗଦେବା ପୂର୍ବରୁ ସେ ଶିଲଂ ଲାଜଙ୍ଗ୍ ଓ ମିନର୍ଭା ପଞ୍ଜାବ ଫୁଟବଲ କ୍ଲବ୍ ପକ୍ଷରୁ ମଧ୍ୟ ଖେଳିଥିଲେ। ଏହା ପରେ ସେ ଗତ ସିଜନରେ କେରଳା ବ୍ଲାଷ୍ଟର୍ସରୁ ପ୍ରତିନିଧିତ୍ୱ କରୁଥିଲେ। 'ସାମୁଏଲଙ୍କ ପରି ପ୍ରତିଭାବାନ ଖେଳାଳିଙ୍କ ଉପରେ ମୁଁ ବହୁ ଦିନରୁ ନଜର ରଖିଥିଲି। ସୁଯୋଗ ପାଇବା



ମାତ୍ରେ ତାଙ୍କୁ ଦଳରେ ସାମିଲ କରାଯାଇଛି' ବୋଲି କ୍ଲବ୍‌ର ସଭାପତି ରୋହନ ଶର୍ମା କହିଛନ୍ତି। ସେହିପରି ଓଡ଼ିଶା ଏଫ୍‌ସି ପକ୍ଷରୁ ସୁପର ଲିଗ୍ ଖେଳିବାକୁ ସୁଯୋଗ ପାଇଥିବାରୁ ମୁଁ କ୍ଲବ୍‌କୁ ଧନ୍ୟବାଦ ଦେଉଛି ଏବଂ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବି ବୋଲି ସାମୁଏଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ନିତିଦିନ NITIDIN Sat, May 23, 2020
http://odishanewsnitidin.com